BAGDEBI



Sri L. N. Deb.

M. R. A. S., M. B. D. M.,

Kabyabinode

Jubaraj of Tekkali.

ସାଣ୍ଟବସୀ

ଟିକଲ୍ ଯୁବରାଜ

ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ,

କାବ୍ୟବିନୋଦ,

M.R.A.S, M.B.D.M

ବିରଚିତ

(ପ୍ରଥମ ସଂସ୍କରଣ)



SRI SRI L. N. DEB, KABYABINODE,
M.R.A.S., M.B.D.M.

Jubraj of Tekkali.

AN ODE

on

"Goddess of Learning"

is

RESPECTFULLY DEDICATED

to

His Excellency the Right Hon:

Viscount Goschen of Hawkhurst

G. C. I. E., G. B. E., V D.

Governor of Madras.

as an humble token of

the author's loyalty

to

THE BRITISH THRONE

——:O:——

ବାଗ୍‌ଦେବୀ

ବନ୍ଦେ ଭଗବତି ମାତଃ ସୁଜ୍ଞାନ ଦାୟିନି !
ବ୍ରହ୍ମମୟି ଦେବି ବୀଣା ମଣ୍ଡଳ ବାସିନି !

ଅଜ୍ଞାନତା ଅନ୍ଧକାର ବିନାଶନେ ତବ ।
ଅପାର ମହିମା ମାତଃ କରେ ଅନୁଭବ ॥

ଯାହା ପ୍ରତି ନାହିଁ ଦେବି ତୁମ୍ଭର କରୁଣା ।
ମାନବ ସମାଜେ ତାର ମାନ ଖ୍ୟାତି ଊଣା ॥

ଲବ ମାତ୍ର ଜନନୀଗୋ ତବ କୃପା ଲକ୍ଷ୍ୟ ।
ମୂର୍ଖ ମୂଢ଼ ସଜ୍ଜନରେ ପଦ ଲଭେ ଦକ୍ଷ ॥

ଅତୁଳ ଅମର ନାମା ଜଗତ ବିଦିତ ।
କବି ଗୁରୁ କାଳିଦାସ ହେଲେ ସମ୍ମାନିତ ॥

—•❀•—

ଯାହାଙ୍କ ବିଦେଶେ ଦେଶେ ପୁଣ୍ୟମୟ ନାମ ।
କରିଛି ଶାଶ୍ୱତ ଶୁଚି ସୁପବିତ୍ର ଧାମ ॥

—•❀•—

ଜୟଦେବ କବିବରଗଣ ହୃଦହାର ।
ରଖି ଯାଇଛନ୍ତି ଏଥି ଅକ୍ଷୟ ଭଣ୍ଡାର ॥

—•❀•—

ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତ ଆବର ।
ବଳଦେବ କବିସୂର୍ଯ୍ୟ କବି ଧୁରନ୍ଧର ॥

—•❀•—

ଉତ୍କଳ ଜନନୀଙ୍କର ଶାଶ୍ୱତ ପ୍ରଣୟ ।
ସୁରଞ୍ଜନ ମାତୃଭାଷା ପରିପୂର୍ଣ୍ଣାଶୟ ॥

ଅଦ୍ୟ ଅମରଧାମେଁ ଦେବ ସମାଜରେ ।
ଯାହାଙ୍କ ଆସନ ପ୍ରତିଷ୍ଠିତ ଗୌରବରେ ॥

—○※○—

ସେ ଅମର କବିବର ଉପଇନ୍ଦ୍ର ଭଞ୍ଜ ।
ସାମନ୍ତସିଂହାର ଆଦ୍ୟ କବିକୁଳ କଞ୍ଜ ॥

—○※○—

ବାସର ନାୟକ ଭକ୍ତ ହୃଦୟ ମୋହନ ।
ଜଗନ୍ନାଥ ବଳରାମ ଯେ କବି କେତନ ॥

—○※○—

ଫକୀରମୋହନ ଆଦ୍ୟ କବିକୁଳ ମଣି
ତବ କୃପା ବଳେ ହେଲେ ବିଖ୍ୟାତ ଧରଣୀ

—○※○—

ମାତଃ ତବ କୃପାପୂର୍ଣ୍ଣ କଟାକ୍ଷକୁ ଲଭି ।
ଏଉତ୍କଳଦେଶେ ଦେବି ହେଲେ କେତେ କବି ॥

କବିତା କୁସୁମ ଦାମ ଗ୍ରନ୍ଥ ସନ୍ଧାନରେ ।
କରାଇ ଅଛନ୍ତି ସ୍ଫୂର୍ତ୍ତି ସୌରଭ ଦେଶରେ

—୦❋୦—

ଭାରତ ରଚନା କାଳେ ବ୍ୟାସଙ୍କ ବଦନ,
କବିତା ସ୍ୱରୂପା ଅବତୀର୍ଣ୍ଣା ତବ ତନ, ।

—୦❋୦—

ଭକ୍ତ କବି ଜନଙ୍କର ଶ୍ରୀମୁଖ ସାରସ ।
ତୁମ୍ଭର ପ୍ରସାଦ ହେତୁ ଲଭଇ ହରଷ ॥

—୦❋୦—

ହଂସ ବିଧାନ ନିବାସି ମାତଃ ଶଶୀହାସି !
ଭକତେ ପାଳନ କର କରୁଣା ପ୍ରକାଶି ॥

—୦❋୦—

ତବ ଅନୁକମ୍ପା ବିନା ମାନବ ନରହ !
ନ ହୋଇ ନିସଂଶୟ ଅବର ମନ୍ଦହ ॥

ବାଗ୍‌ଦେବୀ

ଏଦେଶଜ୍ଞ ଗୋ ବାଣୀ ଦେବି ଉପାସନା ତବ ।
କରବାରେ ନିରନ୍ତର ନିଯୁକ୍ତ ମାନବ ॥

—o※o—

ବିଶୁଦ୍ଧ ଚରିତ ତବ ଏ ଭବେ ପ୍ରଥିତ ।
ନିଶ୍ଚୟ ଏ କଥା ଅଛି ମାନବେ ବିଦିତ ॥

—o※o—

ତବ ଉପାସନା ଶୂନ୍ୟ ଜନ ଏ ସସାରେ ।
ଅପଦସ୍ଥ, ଅବିଦିତ ଜଗତେ, ସଯାରେ ॥

—o※o—

ତୁମ୍ଭର ସେବାରେ ଲାଭ ଦେଶର ଉନ୍ନତି ।
ଅନ୍ୟଥା ମୋଚନ କଷ୍ଟ ଏହାର ଦୁର୍ଗତି ॥

—o※o—

ପୃଥ୍ୱୀରେ ପ୍ରଚଳନ୍ତି ଯେତେରୂପ ଭାଷା ।
ସେତୁବା ତୁମ୍ଭ ବିଭୂଷଣ ହେବା ଅପଭାଷା ।

ନବ କିସଲୟ କୁଳ ଯୋଗେ ଶୋଭମାନ ।
ବସନ୍ତ ସମ୍ରାଟ ଋତୁ ଦେବଙ୍କ ଆସ୍ଥାନ ॥

—୦❁୦—

ସୁରସେବ୍ୟ ସମୁଜ୍ଜ୍ୱଳ ସୁମନ ସଙ୍କୁଳ ।
ପ୍ରଫୁଲ୍ଲିତ ବନରାଜି ଯହିଁ ତହିଁ ଠୁଳ ॥

—୦❁୦—

ରଞ୍ଜିତ ବିବିଧ ଧାତୁ ଅଭ୍ରଙ୍କଷ ଚୂଳ ।
ଗିରିମାଳା ସିଦ୍ଧାଶ୍ରମ ଯେ ସ୍ଥାନ ସଙ୍କୁଳ ॥

—୦❁୦—

ମୁକ୍ତା ମାଳିକା ନିଭ ଗିରି ନଦୀଙ୍କର ।
ନିର୍ମଳ ନିର୍ଝର ଯହିଁ ବିରାଜେ ସୁନ୍ଦର ॥

—❁—

ସେହି ଗିରିବ୍ରଜମାନ ସ୍ୱସ୍ଥାନେ ଶୋଭିତ ।
ଅନନ୍ତ ଆକାଶ ପଟେ ଯଥା; [illegible] ॥

ସମଗ୍ର [illegible] ବିପୁଳା ଅବନୀ ।
ନାନାବିଧ ଶସ୍ୟପୂର୍ଣ୍ଣ ଶ୍ୟାମଳ ବରଣୀ ॥

—•✻•—

ଜନନୀ ଗୋ ବର୍ତ୍ତମାନ ତୁମ୍ଭର କରୁଣା ।
କେଉଁ ଅପରାଧେ ହେଲା ଉତ୍କଳରେ ଊଣା ॥

—•✻•—

ଉପହାର ଦାନେ ନାହିଁ ମୋର କଷ୍ଟ ଧନ ।
କରନ୍ତୁ କରୁଣା ମାତ୍ର ଏହି ନିବେଦନ ॥

—•✻•—

କି ସ୍ତୁତି କରିବି ମାତଃ ନାହିଁ ବାକ୍ୟବଳ ।
ତୁମ୍ଭର କରୁଣା ମାତ୍ର କରିଛି ସମ୍ବଳ ॥

—•✻•—

ପ୍ରଭାକର ଦେବ[illegible] ଅ[illegible] ନା କାଳେ ।
ଦୀପ ଉପହାର ଦାନ ସଜ୍ଞାଣ, ସୁକାଳେ ॥

ପୁଷ୍ପ ବନସ୍ପତି, ଧନେ କମଳା ଅର୍ଚ୍ଚନ ।
ବରୁଣ ହେବେ ଅର୍ଘ୍ୟେ ସମ୍ପୂଜନ ॥

ଜଳାଞ୍ଜଳି ଦାନେ ଯଥା ସାଗର ତର୍ପଣ ।
ତୁମ୍ଭଠାରେ ମୋର ସ୍ତବ ହୋଇବ ତେସନ ॥




Printod at the
'Asha Press'
Berhampore